# ପାଠ- ୧

# ଭୀମଙ୍କ ସିଂଘନାଦ ରଡି (କବିତା)

**STUDY NOTES**

### ସାରଳା ମହାଭାରତର ୧୮ଟି ପର୍ବର ନାମ ସଂପର୍କରେ ସୂଚନା ପ୍ରଦାନ ।




## ସୃଜନାଭିମୁଖ୍ୟ :

ଶୂଦ୍ରମୁନି ସାରଳା ଦାସଙ୍କ 'ମହାଭାରତ' ବ୍ୟାସକୃତ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ ବରଂ ଏକ ଅନୁସୃଷ୍ଟି ଯାହା ଓଡିଆ ଜାତିର ଆତ୍ମପରିଚିତିର ଏକ ମହାର୍ଘ ଶାସ୍ତ୍ର ।

କୁରୁକ୍ଷେତ୍ର ଧର୍ମଯୁଦ୍ଧର ପରିସମାପ୍ତି ଘଟିଛି । ଯୁଦ୍ଧରେ ପାଣ୍ଡବମାନେ ଉଡାଇଛନ୍ତି ବିଜୟଧ୍ୱଜା । ଦୁର୍ଯ୍ୟୋଧନଙ୍କର ଅନେଶତ ଭ୍ରାତା ଯୁଦ୍ଧରେ ନିହତ ହୋଇଛନ୍ତି । ଶେଷରେ ଦ୍ୱିତୀୟ ପାଣ୍ଡବ ଭୀମସେନ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ଭୀଷଣ ଗଦାଯୁଦ୍ଧ ହୋଇଛି ଓ କୃଷ୍ଣଙ୍କ ଇଙ୍ଗିତରେ ଭୀମସେନ ଦୁର୍ଯ୍ୟୋଧନଙ୍କର ଉରୁଭଙ୍ଗ କରି ତାଙ୍କୁ ଅକର୍ମଣ୍ୟ କରି ଦେଇଛନ୍ତି । ଭଗ୍ନଜାନୁ ନେଇ ଦୁର୍ଯ୍ୟୋଧନ ବ୍ୟାସ ସରୋବର ତଟରେ ଯନ୍ତ୍ରଣାରେ ଅତିଷ୍ଠ ହୋଇ ପଡିଥିଲାବେଳେ କନିଷ୍ଠ କୌରବ ଦୃଢକ୍ଷ ଜ୍ୟେଷ୍ଠଭ୍ରାତାଙ୍କ ଶୁଶ୍ରୂଷା କରିଛି ।

ଦୁର୍ଯ୍ୟୋଧନ ହିଁ ମହାଭାରତ ମହାସମରକୁ ଆମନ୍ତ୍ରଣ କରି ଆଣିଥିଲେ । ସେ ନିଜେ ନିଜ ପାଇଁ ବିପଦର କାରଣ ହୋଇଥିଲେ । କୌରବ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏ ଯୁଦ୍ଧ ସାଧାରଣ ଯୁଦ୍ଧ ନଥିଲା ବରଂ ଥିଲା ଧର୍ମଯୁଦ୍ଧ । ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଯୁଦ୍ଧ କରି କୌରବକୁଳକୁ ଧ୍ୱଂସ କରିଥିଲେ । ଏହି ଯୁଦ୍ଧରେ କୌରବ ପକ୍ଷର ସମସ୍ତ ଯୋଦ୍ଧା ବୀରଗତି ପ୍ରାପ୍ତ ହୋଇଥିଲେ । ଦୁର୍ଯ୍ୟୋଧନ ପ୍ରିୟ ପରିଜନଙ୍କ ମୃତ୍ୟୁ ପରେ ନିହାତି ଅସହାୟ ହୋଇପଡିଥିଲେ । ପ୍ରାଣରଙ୍କ ହୋଇ, ନିଜକୁ ନିଜେ ବଞ୍ଚାଇବା ପାଇଁ ସେ ପ୍ରିୟପୁତ୍ର ଲକ୍ଷ୍ମଣକୁମାରଙ୍କ ଶବକୁ ଆଶ୍ରୟ କରି ରକ୍ତନଦୀ ପାର ହୋଇଥିଲେ । ବ୍ୟାସ ସରୋବରରେ ଆତ୍ମଗୋପନ କରିବା ପାଇଁ ଦୁର୍ବାସା ତାଙ୍କୁ ପରାମର୍ଶ ଦେଇଥିଲେ । କାରଣ ବ୍ୟାସ ସରୋବରରେ ଶରଣ ନେଇଥିବା ବ୍ୟକ୍ତିଙ୍କୁ ମାରିବା ପାଇଁ ତା'ର ଶତ୍ରୁ ସେଠାରେ ପହଞ୍ଚିପାରେ ନାହିଁ । କେହି ଯଦି ଶରଣ ନେଇଥିବା ବ୍ୟକ୍ତିକୁ ମାରିବା ପାଇଁ ବଳପୂର୍ବକ ପ୍ରବେଶ କରେ, ତା' ହେଲେ ଶିବଙ୍କ ଅଭିଶାପ ଅନୁସାରେ ସେ ଧ୍ୱଂସ ପାଇଯିବ । ସେହି ନିରାପଦ ସ୍ଥାନରେ ଦୁର୍ଯ୍ୟୋଧନ, ଭୀମଙ୍କ ଭୟରେ ଆତ୍ମଗୋପନ କରିଥିଲେ । ଦୁର୍ଯ୍ୟୋଧନଙ୍କୁ ମାରିବା ପାଇଁ ଭୀମ ସବୁସ୍ଥାନ ଖୋଜିଲେ ମଧ୍ୟ ପାଇ ନଥିଲେ । ସର୍ବଜ୍ଞାତା ସହଦେବଙ୍କଠାରୁ ଭୀମ ଜାଣିବାକୁ ପାଇଲେ, 'ଦୁର୍ଯ୍ୟୋଧନ ବ୍ୟାସ ସରୋବର ଭଳି ନିରାପଦ ସ୍ଥାନରେ ଆତ୍ମଗୋପନ କରିଛି' । ଭୀମ ସହଦେବଙ୍କ ଠାରୁ ସୂଚନା ପାଇଲାପରେ, ଦୁର୍ଯ୍ୟୋଧନଙ୍କୁ କିପରି ବାହାରକୁ ବାହାର କରିବେ, ସେଥିପାଇଁ ଚେଷ୍ଟା କରିଥିଲେ । ସେ ଶିବଙ୍କଠାରୁ ସିଂଘନାଦ ପ୍ରାପ୍ତ ହେଲାପରେ, ଦୁର୍ଯ୍ୟୋଧନଙ୍କୁ ସିଂଘନାଦ ମାଧ୍ୟମରେ ଯୁଦ୍ଧକୁ ଆସିବାକୁ ଆହ୍ୱାନ କରିଥିଲେ । ସେହି ସିଂହନାଦର ଶବ୍ଦ ଶୁଣି ଦୁର୍ଯ୍ୟୋଧନ ଆଉ ବ୍ୟାସ ସରୋବରରେ ଲୁଚିପାରି ନଥିଲେ । ବୀରଭାବରେ ବୀରର ଯୁଦ୍ଧ ଆହ୍ୱାନକୁ ସେ ଚୁପ୍ ହୋଇ ସହି ପାରି ନଥିଲେ । ଏପରିକି ଲକ୍ଷ୍ମୀଙ୍କର କୋଳରେ ଆଶ୍ରୟ ନେଇଥିଲେ ମଧ୍ୟ, ସେ ନିଜକୁ ସମ୍ଭାଳି ପାରି ନଥିଲେ । ମହାଲକ୍ଷ୍ମୀଙ୍କ ବାରଣ ନ ମାନି ସେ 'ଯୁଦ୍ଧଂ ଦେହୀ' ଡାକରା ଶୁଣି ବାହାରି ଆସିଥିଲେ । ପରିଣତି ସ୍ୱରୂପ ସେ ଭୀମଙ୍କ ଗଦାରେ ବୀରଗତି ପ୍ରାପ୍ତ ହୋଇଥିଲେ ।